# Akashvani, Sambalpur

## SAMBALPURI NEWS EVENING BULLETIN

## 27 March 2026-7.02- 7.12 pm.

---

୧- ପଶ୍ଚିମ ଏସିଆ ନ ଦେଖାଦେଇଥିବା ପରିସ୍ଥିତିକେ ନେଇକରି ରାଜ୍ୟମାନ୍‌କର୍ ତୟାରି ବାବ୍‌ଦେ ମୁଖ୍ୟମନ୍ତ୍ରୀ ମାନ୍‌କର୍ ସଙ୍ଗେ ଆଲୋଚନା କରୁଛନ୍ ପ୍ରଧାନ୍‌ମନ୍ତ୍ରୀ ।

୨- ଘରୋଇ ବେଭାର୍ ଲାଗି ପେଟ୍ରୋଲ୍ ଆଉ ଡିଜେଲ୍ ଉପ୍‌ରେ ଉତ୍ପାଦ ଶୁଳ୍କ ୧୦ ଟଙ୍କା କମ୍ କଲେ କେନ୍ଦ୍ର ସର୍‌କାର୍ ।

୩- ରାଏଜେ ଶ୍ରଦ୍ଧା ଆର୍ ନିଷ୍ଠାର୍ ସହେତେ ପାଲିତ୍ ହେଉଛେ ରାମ୍‌ନଅମୀ ।

- ସମ୍ବଲ୍‌ପୁର୍ ନ ଚାଲିଛେ ରାମ୍‌ନଅମୀ ଶୋଭାଯାତ୍ରା ।

ଆଉର୍

୪- କାଲ୍‌ବୈଶାଖୀ ପ୍ରଭାବ୍‌ଥି ଆଏବା ବୁଧବାର୍ ଦିନ୍‌ତକ୍ ରାଜ୍ୟର୍ ବଡ଼ଭାଗୀ ଜାଗା ନ ଧୁକାଗର୍ଡ଼ି ସାଙ୍ଗେ ବର୍ଷା ଲାଗି ସତର୍କ କଲା ଆଂଚଲିକ୍ ପାଣିପାଗ କେନ୍ଦ୍ର ।

ପ୍ରଧାନ୍‌ମନ୍ତ୍ରୀ-ମୁଖ୍ୟମନ୍ତ୍ରୀ ବୈଠକ୍         ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ପଶ୍ଚିମ ଏସିଆ ନ ଦେଖାଦେଇଥିବା ପରିସ୍ଥିତିକେ ନେଇକରି ରାଜ୍ୟମାନ୍‌କର୍ ତୟାରି ଆଉ ଯୋଜ୍‌ନା ମାନ୍‌କର୍ ସମୀକ୍ଷା କରିଛନ୍ । ଆଏଜ୍ ସଞ୍ଜ୍‌ବେଲର୍ ସାଢ଼େ ୬ ବଜେନୁ ମୁଲ୍ ହେଇଥିବା ବୈଠକ୍‌ଥି ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀ ସବୁ ରାଜ୍ୟର୍ ମୁଖ୍ୟମନ୍ତ୍ରୀମାନ୍‌କର୍ ସଙ୍ଗେ ଆଭାସୀ ଜରିଏ ଆଲୋଚନା କରୁଛନ୍ । ବୈଠକ୍‌ଥି ଇଛ୍‌ନିର୍ ସମିଆଥି ଦେଶେ ନିଆଯାଉଥିବା ଭିନ୍ ଭିନ୍ ପଦକ୍ଷେପ୍ ଉପ୍‌ରେ ଆଲୋଚନା ଚାଲିଥିବାର୍ ଜନାପଡ଼ିଛେ । ନିର୍ବାଚନ୍ ଲାଗି ଆଦର୍ଶ ଆଚରଣ ବିଧି  ଲାଗି ଥିବାର୍‌ନୁ କେତେଟା ରାଜ୍ୟର୍ ମୁଖ୍ୟମନ୍ତ୍ରୀ ଇଥି ଅନୁପସ୍ଥିତ୍ ଅଛନ୍ ।

ପଟ୍ରୋଲ, ଡିଜେଲ୍ ଉତ୍ପାଦ ଶୁଳ୍କ କମ୍‌ଲା       ପି.ଆଇ.ବି.

କେନ୍ଦ୍ର ସର୍‌କାର୍ ଘରୋଇ ବେଭାର୍‌ଥି ଲାଗୁଥିବା ପଟ୍ରୋଲ୍ ଆଉ ଡିଜେଲ୍ ଉତ୍ପାଦ ଶୁଳ୍କ ଲିଟର୍ ପିଛା ୧୦ ଟଙ୍କା କମ୍ କରିଛନ୍ । କେନ୍ଦ୍ରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ୍ ଇ ବାବ୍‌ଦେ ସୂଚ୍‌ନା

ଦେଇକରି କହିଛନ୍, ପଶ୍ଚିମ ଏସିଆ ନ ଦେଖାଦେଇଥିବା ପରିସ୍ଥିତିକେ ନଜର୍‌ଥି ରଖିକରି ଉତ୍ପାଦ ଶୁଳ୍କ କମ୍ କରାଯାଇଛେ । ଇ ପଦକ୍ଷେପ୍ ପେଟ୍ରୋଲ୍ ଆଉ ଡିଜେଲ୍‌ର ଦରବୃଦ୍ଧି ପ୍ରଭାବ୍‌ନୁ ଉପଭୋକ୍ତାମାନ୍‌କୁ ସୁରକ୍ଷା ଦେବା । ଡିଜେଲ୍ ଉପ୍‌ରେ ରପ୍ତାନୀ ଶୁଳ୍କ ଲିଟର୍ ପିଛା ୨୧ ଟଙ୍କା ୫୦ ପଏସା ଆଉ ଏଭିଏସନ୍ ଟର୍ବାଇନ୍ ତେଲ୍ ଏଟିଏଫ୍ ଉପ୍‌ରେ ଲିଟର୍ ପିଛା ୨୯ ଟଙ୍କା ୫୦ ପଏସା ଲାଗୁ କରାଯାଇଛେ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ସର୍‌କାର୍‌ଙ୍କର୍ ଇ ନିଷ୍ପତିକେ ସ୍ୱାଗତ୍ କରିକରି ସ୍ଥିରତା ଆଉ ଜନକଲ୍ୟାଣ୍ ଲାଗି କେନ୍ଦ୍ର ସର୍‌କାର୍ ସବୁବେଲେ ପ୍ରତିଶ୍ରୁତିବଦ୍ଧ ବଲି କହିଛନ୍ । କେନ୍‌ସି ଗୁଜବ୍ ଉପ୍‌ରେ ବିଶ୍ୱାସ୍ ନାଇଁ କରିକରି ଶାନ୍ତ ରହେବାର୍‌କେ ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କୁ ପରାମର୍ଶ ଦେଇଛନ୍ । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ପେଟ୍ରୋଲ୍ ଆଉ ଡିଜେଲ୍ ଉପ୍‌ରେ କେନ୍ଦ୍ରୀୟ ଅବକାରୀ ଶୁଳ୍କ କମ୍ କର୍‌ବାର୍‌ଟା ଗୁଟେ ଉଚିତ୍ ପଦକ୍ଷେପ୍ ବଲି କହିଛନ୍ ।

ଲକ୍‌ଡାଉନ୍ ଗୁଜବ୍-ସୁଜାତା ଶର୍ମା ଏନ୍‌ଏସ୍‌ଡି

ସରକାର୍ ଦେଶେ ଲକ୍‌ଡାଉନ୍ କର୍‌ବେ ବଲି ହଉଥିବା ଗୁଜବ୍ ପ୍ରଚାର୍ ଉପ୍‌ରେ ବିଶ୍ୱାସ୍ ନାଇଁ କର୍‌ବାର୍‌କେ କେନ୍ଦ୍ର ପେଟ୍ରୋଲିୟମ୍ ଆଉ ପ୍ରାକୃତିକ ଗେସ୍ ମନ୍ତ୍ରଣାଲୟ ଯୁଗ୍ମ ସଚିବ ସୁଜାତା ଶର୍ମା ଜନସାଧାରଣଙ୍କୁ ପରାମର୍ଶ ଦେଇଛନ୍ । ନୂଆଦିଲ୍ଲୀ ନ ସାମ୍ବାଦିକ୍‌ମାନ୍‌କୁ ସୂଚ୍‌ନା ଦେଇକରି ଶ୍ରୀମତୀ ଶର୍ମା କହିଛନ୍,

(ଭଏସ୍ ଓଭର୍- ସୁଜାତା ଶର୍ମା)

ଦେଶେ ପେଟ୍ରୋଲ୍ ଡିଜେଲ୍‌ର ଅଭାବ୍ ଲାଗି ପେଟ୍ରୋଲ୍ ପମ୍ପ୍ ମାନ୍‌କେ ଲମ୍ବା ଲାଇନ୍ ଲାଗୁଛେ ବଲି ହଉଥିବା ଗୁଜବ୍‌କେ ଭିଲ୍ ବିଶ୍ୱାସ୍ ନାଇଁ କର୍‌ବାର୍‌କେ ଶ୍ରୀମତୀ ଶର୍ମା କହିଛନ୍ । ସେ କହିଛନ୍, ଦେଶେ ଭର୍‌ପୁର୍ ମାତ୍ରାଥି ଗେସ୍ ଆଉ ପେଟ୍ରୋଲ୍ ମହଜୁଦ୍ ରହିଛେ । କମର୍ସିଆଲ୍ ଗେସ୍ ଯୋଗାଣ ୭୦ ପ୍ରତିଶତ୍‌କେ ବଢ଼ାଯାଇଛେ । ମାର୍ଚ୍ଚ ୧୪ ତାରିଖ୍‌ନୁ ଏବ୍‌ତକ୍ ୩୦ ହଜାର୍ ଟନ୍ ବାଣିଜ୍ୟିକ ଏଲ୍‌ପିଜି ଯୋଗାଣ ହେଇଛେ । ବାଣିଜ୍ୟିକ ଏଲ୍‌ପିଜି ଆବଂଟନ୍ ଆହୁରି ୨୦ ପ୍ରତିଶତ୍ ବଢ଼ାବାର୍ ଲାଗି ସର୍‌କାର୍‌ଙ୍କର୍ ତର୍‌ଫୁ ସବୁ ରାଜ୍ୟକେ ନିର୍ଦ୍ଦେଶ୍ ଦିଆଯାଇଛେ । ଇତାର୍‌ସହେତେ ୭୦ ପ୍ରତିଶତ୍‌ତକ୍ ବାଣିଜ୍ୟିକ ଏଲ୍‌ପିଜି ବଂଟନ୍ କରାଯିବା ।

ସ୍ଥଳସେନା ମୁଖ୍ୟ -ଓଡ଼ିଶା ଗସ୍ତ            ଏକ୍ସ

ସ୍ଥଳସେନା ମୁଖ୍ୟ ଜେନେରାଲ୍ ଉପେନ୍ଦ୍ର ଦ୍ୱିବେଦୀ ଆଏଜ୍ ୩ ଦିନିଆ ଓଡ଼ିଶା ଗସ୍ତଥି ଆସିକରି ଭୁବ୍‌ନେଶ୍ୱର୍ ପୁହୁଁଚିଛନ୍ । ଇ ଅବ୍‌ସରେ ଶ୍ରୀ ଦ୍ୱିବେଦୀ ଭୁବ୍‌ନେଶ୍ୱର୍, ପୁରୀ ଆଉ ଗଞ୍ଜାମ୍ ଜିଲ୍ଲା ଗୋପାଲ୍‌ପୁର୍ ନ ଭିନ୍ ଭିନ୍ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେବେ । ଖାସ୍ କରି ଆଏବାକାଏଲ୍ ପୁରୀ ନ ମାହାପୁରୁମାନ୍‌କର୍ ଦର୍ଶନ୍ କର୍‌ବାର୍ ସହେତେ ଭୁବ୍‌ନେଶ୍ୱର୍ ନ ଥିବା ଶହେ ୨୦ ବାଟାଲିୟନ୍ ଆଉ ଗୋପାଲ୍‌ପୁର୍ ଆର୍ମି ଏୟାର୍ ଡିଫେନ୍ସ କଲେଜ୍ ନ ହେବାର୍‌କେ ଥିବା ଖାସ୍ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେବେ ।

ମନ୍ କି ବାତ୍          ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍

ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୩୨ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା ।

ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଆକାଶ୍‌ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍‌ଓ ଅଫିସ୍ ଆଉ ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଇତାର୍ ସିଧା ପ୍ରସାରଣ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଲିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା ।

ରାମ୍‌ନଅମୀ ଏନ୍‌ଏସ୍‌ଡି/ଆର୍‌ଏନ୍‌ୟୁ ସମ୍ବଲପୁର/ ପୁରୀ

ପବିତ୍ର ଶ୍ରୀରାମ ନଅମୀ ଆଏଜ୍ ଭକ୍ତି ଆଉ ନିଷ୍ଠାର୍ ସହେତେ ସାରା ରାଏଜେ ପାଲନ୍ କରାଯାଉଛେ । ପୁରାଣ୍ ଅନ୍‌ସାରେ ଭଗବାନ୍ ବିଷ୍ଣୁଙ୍କର୍ ୭ ନମ୍ବର୍ ଅବତାର୍ ମର୍ଯ୍ୟାଦା ପୁରୁଷ ପ୍ରଭୁ ଶ୍ରୀ ରାମଚନ୍ଦ୍ର ଚଇତ୍ ନବରାତ୍ରର୍ ଶେଷ୍ ଦିନେ ନଅମୀ ତିଥିଥି ପୁର୍‌ଥି ନ

ଜନମ୍ ନେଇଥିଲେ । ପ୍ରଭୁ ଶ୍ରୀରାମଙ୍କର୍ ଜନମ୍‌ଦିନ୍‌କେ ହଜାର୍ ହଜାର୍ ବଛର୍ ହେଲା ରାମ୍‌ନଅମୀ ଭାବେ ପାଲନ୍ କରାଯାଉଛେ । ଶ୍ରୀରାମ୍‌ଅନମୀ ଅବ୍‌ସରେ ଆଏଜ୍ ଅଯୋଧ୍ୟା ରାମ ଜନ୍ମଭୂମି ମନ୍ଦିର୍ ନ ସ୍ୱତନ୍ତ୍ର ନୀତିକାନ୍ତି ସହେତେ ରାମ୍‌ଲଲାଙ୍କର୍ ସୂର୍ଯ୍ୟତିଲକ୍ କରାଯାଇଥିଲା ।

ପୁରୀ ଶ୍ରୀମନ୍ଦିର୍ ସହେତେ ଦେଶ୍ ଆର୍ ରାଜ୍ୟର୍ ରାମ୍ ମନ୍ଦିର୍‌ମାନ୍‌କେ ପ୍ରଭୁ ଶ୍ରୀରାମଙ୍କର୍ ପୂଜା ଅର୍ଚ୍ଚନା କରାଯାଉଛେ । ପ୍ରଭୁ ଶ୍ରୀଜଗନ୍ନାଥଙ୍କର୍ ରାମ ଅବତାର ଲୀଳାର ଅଂଶ ବିଶେଷ 'ସାହିଜାତ' ଆଏଜ୍‌ଠାନୁ ମୁଲ୍ ହେଇଛେ । ଇତାର୍‌ସହେତେ ଶ୍ରୀମନ୍ଦିର୍ ନ ଶ୍ରୀରାମ ଜନ୍ମନୀତି ପାଲନ୍ କରାଯାଉଛେ । ଇଥିର୍‌ଲାଗି ସଞ୍ଜବେଲର୍ ୫ ବଜେନୁ ରାତିର୍ ୧୦ ବଜେତକ୍ ଶ୍ରୀମନ୍ଦିର ନ ସର୍ବସାଧାରଣ ଦର୍ଶନ୍ ବନ୍ଦ ରହିଛେ । ସେନ୍ତା ଶ୍ରୀଜୀଉମାନ୍‌କର୍ ରଥଯାତ୍ରା ଲାଗି ରଥ୍‌କାଠ ଚିର୍‌ବାର୍ କାମ୍ ଆଏଜ୍‌ଠାନୁ ମୁଲ୍ ହେଇଛେ । ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍‌ଫୁ ଗୁଟେ ସ୍ୱତନ୍ତ୍ର ପ୍ରତିନିଧି ଦଲ୍ ମାହାପୁରୁଙ୍କର୍ ମହାପ୍ରସାଦ୍ ଆଉ ଆଜ୍ଞାମାଳ ନେଇକରି କଟକ୍ ଖପୁରିଆ କରତ୍ ମିଲ୍‌କେ ପୁହୁଁଚିଲା ଉତ୍‌ରୁ ରଥକାଠ ଚିରା ମୁଲ୍ ହେଇଛେ ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶ୍ରୀରାମ୍‌ନଅମୀ ଅବ୍‌ସରେ ଦେଶ୍‌ବାସୀ୍‌କୁ ଶୁଭେଚ୍ଛା ଜନେଇକରି ଇ ଉତ୍ସବ୍ ଆମ୍‌କୁ ନ୍ୟାୟ, କର୍ତବ୍ୟ ଆଉ ସଦାଚାର୍ ବାଟେ ଚାଲ୍‌ବାର୍ ଲାଗି ତହଁକାସି ବଲି କହିଛନ୍ ।

ଇ ଅବ୍‌ସରେ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶ୍‌ବାସୀଙ୍କୁ ଶୁଭେଚ୍ଛା ଜନାବାର୍ ସହେତେ ମର୍ଯ୍ୟାଦା ପୁରୁଷୋତମ୍ ଶ୍ରୀରାମଙ୍କର୍ ଜୀବନ୍ ଆଦର୍ଶ ଆମ୍‌କୁ ହର୍ ପରିସ୍ଥିତିର୍ ଦକ୍ଷତାର୍ ସହେତେ ସାମ୍ନା କର୍‌ବାର୍ ଲାଗି ତହଁକାସି ବଲି କହିଛନ୍ । ତାଙ୍କର୍ ଆଦର୍ଶ ଯୁଗ୍ ଯୁଗ୍ ଧରି ମାନବତାର ପଥ ପ୍ରଦର୍ଶକ ହେବା ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ ।

ରାମ୍‌ନଅମୀ ଅବ୍‌ସରେ ସମସ୍ତେ ପ୍ରଭୁ ଶ୍ରୀରାମଙ୍କର୍ ସତ୍ୟ, ଧର୍ମ ମର୍ଯ୍ୟଦା ଆଉ ଆଦର୍ଶର୍ ବାଟେ ଚାଲ୍‌ବାର୍‌କେ ସଂକଳ୍ପ ନେବାର୍ ଲାଗି ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି ଆହ୍ୱାନ୍ ଦେଇଛନ୍ ।

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଶ୍ରୀରାମଙ୍କର୍ କୃପାନୁ ସମ୍‌କର୍ ଜୀବନ୍‌ଥି ସୁଖ୍ ଆଉ ସମୃଦ୍ଧି ଭରିଯାଉ ବଲି ଶୁଭେଚ୍ଛା ଜନେଇଛନ୍ ।

ରାମ୍‌ନଅମୀ -ଜିଲ୍ଲା /ସମ୍ବଲପୁର/ ସୁବର୍ଣ୍ଣପୁର/ ନୂଆପଡ଼ା/ ବୌଦ୍ଧ

ସମ୍ବଲ୍‌ପୁର୍ ସହର୍ ସହେତେ ସାରା ଜିଲ୍ଲା ନ ଧୁମ୍‌ଧାମ୍‌ଥି ରାମ୍‌ନଅମୀ ପାଲିତ୍ ହେଇଯାଇଛେ । ସହରେ ଶ୍ରୀରାମ ଜନ୍ମୋତ୍ସବ୍ ସମିତି ତର୍‌ଫୁ ଆଏଜ୍ ଗୁଟେ ସାଂସ୍କୃତିକ୍ ଶୋଭାଯାତ୍ରାର୍ ଆୟୋଜନ୍ କରାଯାଇଛେ । କ୍ଷେତରାଜ୍‌ପୁର୍ ରେଲ୍‌ଷ୍ଟେସନ୍ ପାଖୁ ଆଲ୍‌ତୀ କରାଯାଇକରି ଶୋଭାଯାତ୍ରା ବାହାରିଛେ । ସହର୍ ପରିକ୍ରମା କରିକରି ବୃକ୍ଷହିଲ୍ ରାମ୍‌ମନ୍ଦିର୍‌କେ ପୁହୁଁଚିଲା ଉତ୍‌ରୁ ମନ୍ଦିର୍ ନ ଫେର୍ ମହାଆଲ୍‌ତୀ କରାଯିବା ।

ଇଥିର୍‌ଲାଗି ପୁଲିସ୍ ଆଉ ପ୍ରଶାସନ୍ ତର୍‌ଫୁ କଡ଼ା ବ୍ୟବସ୍ଥା କରାଯାଇଛେ । ସାରା ସହର୍ ପୁଲିସ୍ ଛାଉଣୀ ପାଲ୍‌ଟି ଥିଲା ବେଲ୍‌କେ ସମ୍ବେଦନ୍‌ଶୀଲ୍ ଜାଗା ମାନ୍‌କେ ଡ୍ରୋନ୍ ଆର୍ ସିସିଟିଭି କେମ୍‌ରା ଜରିଏ ନଜର୍ ରଖାଯାଇଛେ । ଇ ଅବ୍‌ସରେ ସହରେ ୩୦ ପ୍ଲାଟୁନ୍ ପୁଲିସ୍ ଫୋର୍ସ ମୁତୟନ୍ କରାଯାଇଛେ ।

ଶ୍ରୀରାମ୍ ନଅମୀ ଅବ୍‌ସରେ ସୁବର୍ଣ୍ଣପୁର୍ ଜିଲ୍ଲାର୍ ଗାଁ ଗାଁ ନ ରାମ୍ ମନ୍ଦିର୍ ମାନ୍‌କେ ଭକ୍ତମାନେ ପାରମ୍ପାରିକ୍ ପୂଜା, ଆଲ୍‌ତୀ

କରିଛନ୍ । ଭିନ୍ ଭିନ୍ ଜାଗା ନ ରାମାୟଣ୍ ପାଠ୍ ସଙ୍ଗେ ନାମଯଜ୍ଞ ମାନ୍ ହେଇଛେ । ଜିଲ୍ଲାର୍ ବୀର୍ମହାରାଜ୍ପୁର୍, ଉଲୁଣ୍ଡା, ତର୍ଭା, ବିନ୍କା, ଡୁଙ୍ଗୁରିପାଲିର୍ ଗାଁ ମାନ୍କେ ରାମ୍ଲୀଲା ହେବା ।

ନୂଆପଡ଼ା ଜିଲ୍ଲା ସଦର୍ ସହେତେ ଖଡ଼ିଆଲ୍, ଖରିଆର୍ ରୋଡ୍ ନ ଉସତ୍ ଉସ୍ନାକିଥି ରାମ୍ନଅମୀ ପାଲନ୍ କରାଯାଇଛେ । ଭିନ୍ ଭିନ୍ ଜାଗା ନ ଶୋଭାଯାତ୍ରା ଆଉ ନାମଯଜ୍ଞମାନ୍ ଆୟୋଜନ୍ କରାଯାଇଛେ ।

ବୌଦ୍ଧ ଜିଲ୍ଲାର୍ ରାମ୍ମନ୍ଦିର୍ ମାନ୍କେ ଆଏଜ୍ ରାମ୍ନଅମୀ ପାଲିତ୍ ହେଇଯାଇଛେ । ବୌଦ୍ଧର୍ ଶ୍ରୀରାମ୍ ମନ୍ଦିର୍ ଆର୍ ଦେବ୍ଗଡ଼୍ର ୨ ଶହ ବଛର୍ ପୁର୍ନା ଶ୍ରୀରଘୁନାଥଜୀଉ ପୀଠ ଠାନେ ନଗର୍ କୀର୍ତନ୍ ଆଉ ଖାସ୍ ପୂଜା କରାଯାଉଛେ । ନାରାୟଣ୍ ନଗର୍ର ଜମଜ ମନ୍ଦିର୍ ଠାନୁ ଶ୍ରୀରାମଙ୍କର୍ ଚଲନ୍ତି ପ୍ରତିମା ନଗର୍ କୀର୍ତନ୍ ସାଙ୍ଗେ ପରିକ୍ରମା କରାଯାଇଛେ । ବିଶ୍ୱହିନ୍ଦୁ ପରିଷଦ୍ ଆଉ ବଜ୍ରଙ୍ଗ୍ ଦଲ୍ ତର୍ଫୁ ଇ ଅବ୍ସରେ ସହର୍ ନ ଗୁଟେ ଶୋଭାଯାତ୍ରାର୍ ଆୟୋଜନ୍ କରାଯାଇଥିଲା ।

ଶ୍ରୀରାମ୍‌ଲୀଳା ମହୋତ୍ସବ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ରାମ୍ ମନ୍ଦିର୍ ନ ପ୍ରସିଦ୍ଧ ଶ୍ରୀରାମ୍‌ଲୀଳା ମହୋତ୍ସବ୍ ଆଏଜ୍‌ଠାନୁ ମୁଲ୍ ହେଉଛେ । ୧୮ ଦିନ୍‌ତକ୍ ହେବାର୍‌କେ ଥିବା ମହୋତ୍ସବ୍‌ଥି ଫି’ ସଞ୍ଜେ ରାମାୟଣ୍ ପୁରାଣ ଆଧାରିତ୍ ନାଟକ୍ ମଂଚସ୍ଥ ହେବାର୍ ସହେତେ ଭଜନ୍ ସମାରୋହ ହେବା । ପହେଲା ଦିନେ ଆଏଜ୍ କଲସ୍ ଶୋଭାଯାତ୍ରାର୍ ଆୟୋଜନ୍ କରାଯାଇଥିଲା ।

ବିଶ୍ୱ ନାଟ୍ୟ ଦିବସ୍ ଆର୍‌ଏନ୍‌ୟୁ ସମ୍ବଲପୁର୍

ନାଟକ୍‌ର ମୂଲ୍ୟ ଆଉ ଗୁରୁତ୍ୱ ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବାର୍ ଲାଗି ଆଏଜ୍ ପାଲନ୍ କରାଯାଉଛେ ବିଶ୍ୱ ନାଟ୍ୟ ଦିବସ୍ । ଆନ୍ତର୍ଜାତୀୟ ଥିଏଟର୍ ପ୍ରତିଷ୍ଠାନ୍ ତରଫୁ ୧୯୬୧ ମସିହାନୁ ଆଝିର୍ ଦିନ୍‌କେ ବିଶ୍ୱ ନାଟ୍ୟ ଦିବସ୍ ଭାବେ ପାଲନ୍ କର୍‌ବାର୍‌କେ ଧାରିଜ୍ କରାଯାଇଥିଲା । ନାଟକ ଆଉ ଶାନ୍ତିର ସଂସ୍କୃତି ବାର୍ତା ନେଇକରି ଇ ବଛର୍ ବିଶ୍ୱ ନାଟ୍ୟ ଦିବସ୍ ପାଲନ୍ କରାଯାଉଛେ ।

ସୁବର୍ଣ୍ଣପୁର-ବିଶ୍ୱ ନାଟ୍ୟ ଦିବସ୍       ସୁବର୍ଣ୍ଣପୁର ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲାର୍ ଭିନ୍ ଭିନ୍ ଜାଗା ନ ଆଏଜ୍ ବିଶ୍ୱ ନାଟ୍ୟ ଦିବସ୍ ପାଲିତ୍ ହେଇଯାଇଛେ । ଇ ଅବ୍‌ସରେ ନାଟ୍ୟକାର୍ ଗଦାଧର୍ ବାରିକଙ୍କର୍ ସଂଯୋଜନାଥି ସହରେ 'ମଂଚ ନାଟକ ଆଉ ସମାଜ୍' ଶୀର୍ଷକ ଗୁଟେ ଆଲୋଚନାଚକ୍ର ହେଇଯାଇଛେ ।

ଜାତୀୟ ରାଜପଥ ସମ୍ପ୍ରସାରଣ ପ୍ରକଳ୍ପ     ଝାର୍‌ସୁଗୁଡ଼ା ସମ୍ବାଦଦାତା

ଝାର୍‌ସୁଗୁଡ଼ାନୁ କନକ୍‌ତୋରାତକ୍ ୪୯ ନମ୍ବର୍ ଜାତୀୟ ରାଜପଥର୍ ସମ୍ପ୍ରସାରଣ ଆଉ ୪ ଥାକିଆ ରାସ୍ତା ତିଆର୍ ପ୍ରକଳ୍ପ ଲାଗି ଆଏଜ୍ ଜିଲ୍ଲାପାଲ୍ କୁନାଲ୍ ମୋତିରାମ୍ ଚୌହାନ୍‌ଙ୍କର୍ ଅଧ୍ୟକ୍ଷତାଥି ଗୁଟେ ସମୀକ୍ଷା ବୈଠକ୍ ହେଇଯାଇଛେ । ବୈଠକ୍‌ଥି ପ୍ରସ୍ତାବିତ୍ ପ୍ରକଳ୍ପର୍ ରୂପରେଖ ଆଉ ଆଲାଇନ୍‌ମେଂଟ୍ ବାବ୍‌ଦେ ଚୂଡ଼ାନ୍ତ ନିଷ୍ପତି ନିଆଯାଇଛେ । ଇ ପ୍ରକଳ୍ପର୍ ଲମ୍ବା ୫୯ ଦଶ୍‌ମିକ୍ ୭/୨ କିଲୋମିଟର୍ ରହିଛେ । ଇ ରାସ୍ତା ୨ ଥାକିଆ ହେଇଥିବାର୍‌ନୁ ବହୁତ୍ ଟ୍ରାଫିକ୍ ସମସ୍ୟା

ଦେଖାଯାଉଛେ । ଇଥିର୍‌ଲାଗି ଇଟାକେ ୪ ଥାକିଆ କର୍‌ବାର୍ ଲାଗି ନିଷ୍ପତି ନିଆଯାଇଛେ ।

ମନୋହର୍ ମେହେର୍ ଜୟନ୍ତୀ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ସିନାପାଲି ନ ଗଙ୍ଗାଧର୍ ସାରସ୍ୱତ ସମିତି ତର୍‌ଫୁ କବି ମନୋହର୍ ମେହେର୍‌ଙ୍କର୍ ଜୟନ୍ତୀ ପାଲିତ୍ ହେଇଯାଇଛେ । କବିଙ୍କର୍ ସାହିତ୍ୟ କାରୁକାର୍ଯ୍ୟକେ ସଂଗୀତ୍‌ର ରୂପ୍ ଦେଲେ ତାଙ୍କର୍ କୃତୀର ଆହୁରି ପ୍ରଚାର୍ ପ୍ରସାର୍ ହେଇପାର୍‌ବା ବଲି ଇ ଅବ୍‌ସରେ ଅତିଥି ମାନେ କହିଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ ଉତର୍ ଭାଗ୍‌କେ ଲାଗିକରି ଥିବା ଦକ୍ଷିଣ ଗାଙ୍ଗେୟ ପଶ୍ଚିମବଙ୍ଗ୍ ଉପ୍‌ରେ ଗୁଟେ ଘୂର୍ଣ୍ଣିବଳୟ ସୃଷ୍ଟି ହେଇଛେ । ଘୂର୍ଣ୍ଣିବଳୟ ସମୁଦ୍ର ପତନ୍ ଠାନୁ ଦେଢ଼୍ କିଲୋମିଟର୍‌ତକ୍ ରହିଛେ । ଇତାର୍ ପ୍ରଭାବ୍‌ଥି ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଆଏଜ୍ ହାଲ୍‌କାନୁ ମଧ୍ୟମ୍ ଧରଣ୍ ବର୍ଷା ହେଇଛେ । କେତେଟା

ଜାଗା ନ ଜବର୍ ଧୁକାଗର୍ଡ଼ି ସହେତେ କରାମାଡ଼୍ ଭିଲ୍ ହେଇଛେ । ଆଏବା ବୁଧବାର୍ ଦିନ୍‌ତକ୍ ରାଜ୍ୟର୍ ବଡ଼ଭାଗୀ ଜାଗା ନ କାଲ୍‌ବୈଶାଖୀର୍ ପ୍ରଭାବ୍ ଦେଖ୍‌ବାର୍‌କେ ମିଲ୍‌ବା । ଧୁକାଗର୍ଡ଼ି ଆଉ ବର୍ଷା ଲାଗି ଆଏବା କାଏଲ୍ ୨୭ ଟା ଜିଲ୍ଲାକେ ଭୁବ୍‌ନେଶ୍ୱର୍ ଆଂଚଳିକ ପାଣିପାଗ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।